**ସଂକ୍ଷେପରେ**

## ମଦ ବେପାରୀଙ୍କୁ ଧରି ଥାନା ଜିମା ଦେଲେ ମହିଳା

ପାଟଣା,୧୨।୮(ସ୍ୱ.ପ୍ର.)-କେନ୍ଦୁଝର ଜିଲା ପାଟଣା ଥାନା ୨୨୦ ନଂ ଜାତୀୟ ରାଜପଥର ପାଟଣା ସାହାରପଡା ରାସ୍ତାର ବଡ଼ବିଲ ଛକ ନିକଟରେ ମଙ୍ଗଳବାର ସନ୍ଧ୍ୟାରେ ବେଆଇନ ମଦ କାରବାର କରୁଥିବା ଜଣେ ବ୍ୟକ୍ତିଙ୍କୁ ଏସଏଚ୍‌ଜି ଗ୍ରୁପର ମହିଳା ମାନେ ଅଟକ ରଖି ପାଟଣା ପୋଲିସ ଜିମା ଦେଇଛନ୍ତି। ଗିରଫ ବ୍ୟକ୍ତି ହେଲେ ଟଭାସରୁଆ ଗ୍ରାମର ଦୁଲ୍ଲଳ ମହାରଣା। ଏନେଇ ପୋଲିସ ଏକ ମାମଲା (ନଂ.୧୧୮/୨୦) ରୁଜୁକରି ଦୁଲ୍ଲଳଙ୍କୁ କୋର୍ଟ ଚାଲାଣ କରିଛି। ତାଙ୍କ ଠାରୁ ମୋଟ ୩୫ ଲିଟର ମଦ ଜବତ ହୋଇଛି।

## ଅପରାହ୍ନ ୨ଟା ପର୍ଯ୍ୟନ୍ତ ଖୋଲିବ ବଜାର

ଭଦ୍ରକ ଅଫିସ,୧୨।୮- ଭଦ୍ରକ ଜିଲାରେ ଏବେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ଦିନକୁ ଦିନ ବଢ଼ିବାରେ ଲାଗିଛି। ବୁଧବାର ସୁଦ୍ଧା ଜିଲାରେ ସଂକ୍ରମିତଙ୍କ ସଂଖ୍ୟା ୧୧୧୮ ଛୁଇଁଛି। ସ୍ଥାନୀୟ ସଂକ୍ରମଣ ବୃଦ୍ଧି ପାଉଥିବାରୁ ଜିଲା ପ୍ରଶାସନ ପକ୍ଷରୁ ଦୋକାନ ବଜାର ଖୋଲିବାକୁ ନେଇ ସଂଶୋଧିତ ନିର୍ଦ୍ଦେଶନାମା ଜାରି କରାଯାଇଛି। ସନ୍ଧ୍ୟା ୬ଟା ପରିବର୍ତ୍ତେ ଏବେ ଅପରାହ୍ନ ୨ଟା ପର୍ଯ୍ୟନ୍ତ ଦୋକାନ ବଜାର ଖୋଲା ରହିବ। ୧୩ ତାରିଖରୁ ଅଗଷ୍ଟ ୩୧ ତାରିଖ ପର୍ଯ୍ୟନ୍ତ ଏହି କଟକଣା ଲାଗୁ ରହିବ ବୋଲି କୁହାଯାଇଛି। ଭଦ୍ରକ ପୌରପାଳିକା ଓ ଏହାର ଚତୁଃପାର୍ଶ୍ୱ ପଞ୍ଚାୟତମାନଙ୍କରେ ଏହି କଟକଣା ଲାଗୁ ହେବ ବୋଲି କୁହାଯାଇଛି।

## ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସିଟୁର ଦାବିପତ୍ର

ତିହିଡ଼ି,୧୨।୮(ସ୍ୱ.ପ୍ର.)- ସର୍ବଭାରତୀୟ ସ୍ତରରେ ଆନ୍ଦୋଳନ ସଙ୍ଗଠିତ କରିବା ପାଇଁ ସିଟୁ, ଅଲ୍ ଇଣ୍ଡିଆ କିଶାନ ସଭା, ଅଲ୍ ଇଣ୍ଡିଆ ଏଗ୍ରିକଲଚର ୱାର୍କର୍ସ ୟୁନିୟନ ପକ୍ଷରୁ ମିଳିତ ଭାବେ ନିଷ୍ପତ୍ତି ନିଆଯାଇଛି। ଏହି ପରିପ୍ରେକ୍ଷୀରେ ତିହିଡ଼ି ବ୍ଲକରେ ଉକ୍ତ ସଙ୍ଗଠନର ନେତାମାନେ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ବିଡିଓଙ୍କୁ ପ୍ରଦାନ କରିଛନ୍ତି। ଏଥିରେ ପ୍ରଫୁଲ ପାଢ଼ୀ, ବିଷ୍ଣୁଚରଣ ଦାଶ, ନାରାୟଣ ଦାଶ, ପ୍ରମୁଖ ଶତାଧିକ ବାମପନ୍ଥୀ ନେତା, ଆଶା ଓ ଅଙ୍ଗନୱାଡ଼ି କର୍ମୀ ନିଜ ନିଜ ସଙ୍ଗଠନ ତରଫରୁ ଦାବିପତ୍ର ପ୍ରଦାନ କରିଥିଲେ। ସମସ୍ତଙ୍କ ପାଇଁ ମାଗଣା ଚିକିତ୍ସା, କୃଷକମାନଙ୍କୁ ସମସ୍ତ ପ୍ରକାର ଋଣରୁ ମୁକ୍ତି, ଦୁଗ୍ଧ, ପରିବା, ଫଳ ସମେତ ସମସ୍ତ କୃଷିଜାତ ଦ୍ରବ୍ୟ ପାଇଁ ସର୍ବନିମ୍ନ ସହାୟକ ମୂଲ୍ୟ ଦେବା, ତାଲା ବନ୍ଦ ସମୟରେ ଆସିଥିବା ୩ଟି ଜନବିରୋଧୀ ଅଧାଦେଶକୁ ପ୍ରତ୍ୟାହାର କରିବା ଦାବି କରାଯାଇଛି।

## ବିଦ୍ୟୁତ୍ ସଂସ୍ପର୍ଶରେ ଆସି ମହିଳା ମୃତ

ଝୁମ୍ପୁରା ୧୨।୮ (ଡି.ଏନ.ଏ.)-କେନ୍ଦୁଝର ଜିଲାର ଝୁମ୍ପୁରା ଥାନା ଅନ୍ତର୍ଗତ ଅର୍ଶଳା ଗ୍ରାମର ମହାନ୍ତସାହିରେ ମଙ୍ଗଳବାର ବିଦ୍ୟୁତ୍ ଆଘାତରେ ରଶ୍ମି ମହାନ୍ତ ନାମ୍ନୀ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ସେ ଘରେ ଫ୍ୟାନ୍ ସୁଇଚ୍ ସଜାଡୁ ଥିବାବେଳେ ବିଦ୍ୟୁତ୍ ଆଘାତ ପାଇଥିଲେ। ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛି।

# ଦୁର୍ଦ୍ଦିନରେ ଟସର ବୁଣାକାର

ମାନସ ବିଶ୍ୱାଳ
ବାଲେଶ୍ୱର ଅଫିସ, ୧୨।୮

ଟସରରେ ପ୍ରସ୍ତୁତ ଧୋତି, ଶାଢ଼ି, ଯୋଡ଼, ସ୍କାର୍ଫ, ଉତ୍ତରୀୟ, ଶାର୍ଟ କପଡ଼ା, ଚାଦର ଆଦି ତିଆରି କରି ଦେଶରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ବୁଣାକାର ଏବେ ଦୁର୍ଦ୍ଦିନ ମଧ୍ୟରେ କାଳାତିପାତ କରୁଛନ୍ତି। ଗତ ୪ ମାସ ଧରି ମହାମାରୀ କରୋନାର ପ୍ରଭାବ ସେମାନଙ୍କ ବ୍ୟବସାୟ ଉପରେ ପଡ଼ିଛି। ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ମାକଡ଼ିଆ ଗ୍ରାମର ୪ଶହରୁ ଊର୍ଦ୍ଧ୍ୱ ଟସର ବୁଣାକାର ପରିବାର ଜୀବିକାକୁ କଷ୍ଟେମଷ୍ଟେ ବଞ୍ଚାଇବାକୁ ସଂଘର୍ଷ କରୁଛନ୍ତି।

ଉକ୍ତ ଗ୍ରାମରେ ମାକଡ଼ିଆ ଟସର ତନ୍ତବାୟ ସହଯୋଗ ସମିତି ଓ ଝଗଡ଼େଶ୍ୱର ଟସର ତନ୍ତବାୟ ସହଯୋଗ ସମିତି ମାଧ୍ୟମରେ ୪୫୦ କାରିଗର ପରିବାର କାର୍ଯ୍ୟ କରୁଛନ୍ତି। ୩୦୦ରୁ ଊର୍ଦ୍ଧ୍ୱ ମେଶିନ ମହଜୁଦ ରହିଛି। ଏସବୁ ତନ୍ତ ଉପରେ ପରୋକ୍ଷ ଓ ପ୍ରତ୍ୟକ୍ଷ ଭାବେ ଗାଁର ୪ହଜାରରୁ ଅଧିକ ଲୋକଙ୍କ ଜୀବନଜୀବିକା ନିର୍ଭର କରେ। ରାଜ୍ୟ ହସ୍ତତନ୍ତ ଓ ବୟନଶିଳ୍ପ ବିଭାଗ ବୁଣାକାରମାନଙ୍କୁ ଉକ୍ତ ୨ସମିତି ଓ ୫ଜଣ ମହାଜନଙ୍କ ଜରିଆରେ ରିହାତି ଦରରେ ଟସର ଯୋଗାଇବା ସହ ଆଧୁନିକ ଜ୍ଞାନକୌଶଳରେ ଟସର କାମ ପାଇଁ ବିଭିନ୍ନ ପ୍ରକାର ସହାୟତା କରିଥାନ୍ତି। ଓଡ଼ିଶାର ବୟନିକା, ସେରିଫେଡ୍, ଉତ୍କଳିକା, ସମ୍ବଲପୁରୀ ବସ୍ତ୍ରାଳୟ ଆଦି ବ୍ୟବସାୟ ପ୍ରତିଷ୍ଠାନ ଏଠାରୁ ଉତ୍ପନ୍ନ ଟସର ସାମଗ୍ରୀକୁ ନେଇ କୋଟି କୋଟି ଟଙ୍କାର ବେପାର କରିଥାନ୍ତି। କୋଲକାତା, ବିଷ୍ଣୁପୁର, ରଘୁନାଥପୁର, ହାଇଦ୍ରାବାଦ, ସୁରଟ, ବନାରସ, ଚେନ୍ନାଇ, ମୁମ୍ବାଇ, ନୂଆଦିଲ୍ଲୀ, ଲକ୍ଷ୍ନୌ ଆଦି ସ୍ଥାନକୁ ମଧ୍ୟ ସ୍ଥାନୀୟ ବେପାରୀଙ୍କ ଜରିଆରେ ଏଠାରୁ ଉତ୍ପାଦିତ ଟସର ସାମଗ୍ରୀ ପଠାଯାଏ। ମହାମାରୀ କରୋନା ପାଇଁ ଗତ ମାର୍ଚ୍ଚ ଶେଷ ସପ୍ତାହରୁ ଟସର ଲୁଗା ଅନ୍ୟତ୍ର ଯାଇପାରୁନାହିଁ। ପୂର୍ବରୁ ବୁଣାକାରମାନଙ୍କୁ ଟସର ସମେତ ଅନ୍ୟ କଞ୍ଚାମାଲ ଦିଆସରିଥିବାରୁ ସେମାନେ ବୁଣାବୁଣି କାମ ଜାରି ରଖିଛନ୍ତି। କିନ୍ତୁ ମାଲ ବିକ୍ରି ହେଉ ନ ଥିବାରୁ ସମିତି ଓ ମହାଜନମାନେ ବୁଣାକାରମାନଙ୍କୁ ନିୟମିତ ଅର୍ଥ ମଧ୍ୟ ଦେଇପାରୁ ନାହାନ୍ତି। ଏହାକୁ ନେଇ ବୁଣାକାର, ସମିତି ଓ ମହାଜନ ସମସ୍ତେ ଆର୍ଥିକ ଦୁରବସ୍ଥା ମଧ୍ୟରେ ରହିଛନ୍ତି। ଗୋଦାମରେ କୋଟି କୋଟି ଟଙ୍କାର ଟସର ବସ୍ତ୍ର ବା ଲୁଗା ପଡ଼ି ରହିଛି। ଏହି କ୍ଷତି ପାଇଁ ବୁଣାକାର, ମହାଜନ ଓ ସମିତିମାନଙ୍କୁ ସରକାର ସହାୟତା ଯୋଗାଇ ଦିଅନ୍ତୁ ବୋଲି ସମିତିର ସମ୍ପାଦକ ତାପସ ଚାନ୍ଦ, ବରିଷ୍ଠ ବୁଣାକାର ସତ୍ୟନାରାୟଣ ଦାସ, ଚନ୍ଦନ ସାହୁ, ଗୋପାଳ ଦାସ, ଶଶାଙ୍କ ଦାସ ପ୍ରମୁଖ ଦାବି କରିଛନ୍ତି।

ବୁଣାକାର ସୁଶାନ୍ତ କୁମାର ପାଳନ୍ଦି କହନ୍ତି, ବଂଶାନୁକ୍ରମରେ ଜେଜେବାପା, ବାପା ଏହି କାର୍ଯ୍ୟ କରିଆସୁଥିଲେ। ପରେ ଆମ୍ଭେ ଦୁଇଭାଇ ଏହି କାମ କରି ପରିବାର ଭରଣପୋଷଣ କରୁଛୁ। ଘରେ ୨ଟି ତନ୍ତ ରହିଛି। ପରିବାରର ସମସ୍ତେ ଟସର ସୂତା ବାହାର କରିବା କାର୍ଯ୍ୟ କରିଥାନ୍ତି। ମାସିକ ୧୫ରୁ ୧୬ହଜାର ଟଙ୍କା ଆୟ ହୋଇଥାଏ। ପୂର୍ବରୁ ପରିବାର ଭରଣପୋଷଣ ଠିକ୍‌ଠାକ୍ ଚାଲିଥିଲା। ମହାମାରୀ କରୋନା ସଂକ୍ରମଣ ପାଇଁ ଲକ୍‌ଡାଉନ୍ ଓ ଶଟ୍‌ଡାଉନ୍‌ରେ ଉତ୍ପାଦନ କରାଯାଇଥିବା ସାମଗ୍ରୀ ବିକ୍ରି ହୋଇପାରୁନାହିଁ। ଗତ ୪ମାସ ହେବ ୪୦ରୁ ୫୦ହଜାର ଟଙ୍କା ଭିତରେ ସାମଗ୍ରୀ ପଡ଼ି ରହିଛି। ଫଳରେ ଆର୍ଥିକ ଅନାଟନ ମଧ୍ୟରେ ସମୟ କଟୁଥିବା ପ୍ରକାଶ କରିଛନ୍ତି।


ଜଣେ ବୁଣାକାର ଶାଢ଼ି ତିଆରି କରୁଛନ୍ତି ।

# ବିଇଓ ଅଫିସରେ ତାଲା ପକାଇ ଧାରଣା

ବାରିପଦା ଅଫିସ,୧୨।୮

ମୟୂରଭଞ୍ଜ ଜିଲା ଶୁଳିଆପଦା ବ୍ଲକ ସାନ୍ତାଳୀ ଭାଷା ପ୍ରଶିକ୍ଷକମାନେ ଗୋଷ୍ଠୀ ଶିକ୍ଷାଧିକାରୀ(ବିଇଓ)ଙ୍କ କାର୍ଯ୍ୟାଳୟରେ ବୁଧବାର ତାଲା ବନ୍ଦ କରି ଧାରଣା ଦେଇଥିଲେ। କନିଷ୍ଠ ଶିକ୍ଷକ ମାନ୍ୟତା ପ୍ରଦାନ ସହ ନିୟମିତ ଶିକ୍ଷକର ମାନ୍ୟତା ଦେଇ କାଗଜପତ୍ର ଯାଞ୍ଚ ନ କରିବା ପର୍ଯ୍ୟନ୍ତ ଏହି ଆନ୍ଦୋଳନ ଚାଲୁ ରହିବ ବୋଲି ସେମାନେ ଜଣାଇଛନ୍ତି। ଡିପିଇପି ଏବଂ ଏସ୍‌ଏସ୍‌ଏ ପକ୍ଷରୁ ଆଦେଶନାମା ମୁତାବକ ନିଯୁକ୍ତି ପାଇଁ ୧୨ବର୍ଷରୁ ଊର୍ଦ୍ଧ୍ୱ ହେବ ସେମାନେ ବିଭିନ୍ନ ବିଦ୍ୟାଳୟରେ ପ୍ରଶିକ୍ଷକ ଭାବେ କାର୍ଯ୍ୟ କରିଆସୁଛନ୍ତି। ସିଟି ଏବଂ ଓଟିଇଟି ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ମଧ୍ୟ ଅଦ୍ୟାବଧି ନିୟମିତ ଶିକ୍ଷକର ମାନ୍ୟତା ପ୍ରଦାନ କରାଯାଉନାହିଁ। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଅନିର୍ଦ୍ଦିଷ୍ଟ କାଳ ତାଲାବନ୍ଦ କରି ଧାରଣା ଦିଆଯିବ ବୋଲି ସଂଘର ସଭାପତି ନୀଳମଣି ମୁର୍ମୁ ପ୍ରକାଶ କରିଛନ୍ତି। ଏନେଇ ବିଇଓ ମାଳତୀ ଟୁଡୁଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ । ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ଶିକ୍ଷକମାନେ ଧାରଣାରତ ବସି ରହିଥିଲେ।

# ପୋଲତଳକୁ ଖସିଲା ଟ୍ରକ୍, ଜଣେ ମୃତ



କେନ୍ଦୁଝର,୧୨।୮(ସ୍ୱ.ପ୍ର.)

କେନ୍ଦୁଝର ସଦର ଥାନା ଅନ୍ତର୍ଗତ କଣ୍ଡରାପଶି ଅରଡେଇ ନଦୀ ପୋଲରୁ ତଳକୁ ଏକ ଖଣି ବୋଝେଇ ଟ୍ରକ ଖସିପଡିବାରୁ ଜଣେ ମୃତ୍ୟୁ ବରଣ କରିଥିବା ବେଳେ ଦୁଇଜଣ ଗୁରୁତର ହୋଇଥିବା ଜଣାପଡିଛି । ବୁଧବାର ଅପରାହ୍ନ ୪ଟା ବେଳେ ପଳାଶପଙ୍ଗା ପଟୁ ୧୦ଚକିଆ ଟ୍ରକଟି ଖଣିବୋଝେଇ ହୋଇ ଏସ୍‌ଆର ପ୍ଲାଣ୍ଟ ଅଭିମୁଖେ ଯାଉଥିଲା । ଏହି ସମୟରେ କଣ୍ଡରାପଶି ନିକଟ ଅରଡେଇ ନଦୀ ପୋଲ ତଳକୁ କୌଣସି କାରଣରୁ ଭାରସାମ୍ୟ ହରାଇ ଖସିପଡିଥିଲା । ଫଳରେ ଟ୍ରକରେ ଚାପିହୋଇ ଥିବା ଡ୍ରାଇଭର ହେଲପରକୁ ସ୍ଥାନୀୟ ଲୋକ ମାନେ ବାହାର କରିଥିବା ବେଳେ ଆଉ ଜଣେ ଚାପି ହୋଇ ରହିଥିବାକୁ ବାହାର କରିପାରିନଥିଲେ। ତେବେ ଅଗ୍ନିଶମ ବିଭାଗ ଚାପି ହୋଇ ରହିଥିବା ଲୋକଟିକୁ ଗ୍ୟାସ କଟର ସହାୟତାରେ କାଟି ବାହାର କରିବା ବେଳକୁ ତାଙ୍କର ମୃତ୍ୟୁ ହୋଇଯାଇଥିଲା।

# ରାସ୍ତାରେ ଶୋଇଲେ ନିର୍ଯାତିତା

ତିହିଡ଼ି,୧୨।୮(ସ୍ୱ.ପ୍ର.)

ଶାଶୁ ଘର ଲୋକଙ୍କ ନିର୍ଯାନତାରେ ଅତିଷ୍ଠ ହୋଇ ଜଣେ ମହିଳା ତାଙ୍କ ମା'ବାପାଙ୍କ ସହ ରାସ୍ତାରେ ଶୋଇ ପ୍ରତିବାଦ ଜଣାଇବା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଥିଲା।

ପ୍ରକାଶ ଯେ, ଭଦ୍ରକ ଜିଲା ତିହିଡ଼ି ଥାନା ଅଧୀନ କମାରିଆ ଗ୍ରାମର ନିରାକାର ସାହୁ ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ ତାଙ୍କ ଝିଅ ସୁଜାତା ସେହି ଗ୍ରାମର ଶଚିନ ଗିରିଙ୍କ ପୁଅ ରଞ୍ଜିତଙ୍କୁ ୭ ବର୍ଷ ତଳେ ବୈଦିକ ରୀତିରେ ବିବାହ କରିଥିଲେ। ବିବାହ ସମୟରେ ନଗଦ ଟଙ୍କା ଓ ଅନ୍ୟାନ୍ୟ ଆସବାବପତ୍ର ଆଦି ଯୌତୁକ ବାବଦକୁ ଦିଆଯାଇଥିଲା। ତେବେ ପ୍ରଥମ ୨ବର୍ଷ ସବୁକିଛି ଭଲରେ ଯିବା ପରେ ଶ୍ୱଶୁର ଘର ତରଫରୁ ବୋହୂ ଉପରେ ନିର୍ଯାତନା ଆରମ୍ଭ ହୋଇଥିଲା। ଶାଶୁ ଘର ଲୋକେ ଶାରୀରିକ ଓ ମାନସିକ ନିର୍ଯାତନା ଦେଉଥିଲେ। ୨ ମାସ ତଳେ ସୁଜାତାଙ୍କୁ ବାହାର କରିଦେବାରୁ ସେ ବାପ ଘରେ ରହୁଥିଲେ। ମଙ୍ଗଳବାର ସୁଜାତା ନିଜ ଶ୍ୱଶୁର ଘରକୁ ଯାଇଥିବା ବେଳେ ତାଙ୍କୁ ନିସ୍ତୁକ ମାଡ଼ ମରାଯାଇଥିଲା। ଏ ନେଇ ସୁଜାତାଙ୍କ ବାପା ଓ ମାଆ ବୁଧବାର ସକାଳେ ପଚାରିବାକୁ ଯାଇଥିଲେ। ଝିଅ ଶ୍ୱଶୁର ଘର ଲୋକେ ତାଙ୍କୁ ବୋତଲ ଫିଙ୍ଗି ଆକ୍ରମଣ କରିଥିଲେ ବୋଲି ନିରାକାର ଅଭିଯୋଗ କରିଥିଲେ। ପରେ ସୁଜାତା, ତାଙ୍କ ବାପା ଓ ମା' କମାରିଆ ବଜାର ନିକଟରେ ଭଦ୍ରକ-ଚାନ୍ଦବାଲି ରାସ୍ତାରେ ଶୋଇ ପ୍ରତିବାଦ କରିଥିଲେ। ଫଳରେ ଘଣ୍ଟାଏରୁ ଊର୍ଦ୍ଧ୍ୱ ସମୟ ଧରି ଯାନବାହନ ଚଳାଚଳ ବନ୍ଦ ରହିଥିଲା। ଖବର ପାଇ ତିହିଡ଼ି ପୋଲିସ ଘଟଣାସ୍ଥଳରେ ପହଞ୍ଚି ସେମାନଙ୍କୁ ବୁଝାଶୁଝା କରି ରାସ୍ତା ଅବରୋଧ ହଟାଇଥିଲା। ସୁଜାତାଙ୍କ ଶାଶୁ ଓ ସ୍ୱାମୀଙ୍କୁ ଥାନାକୁ ଆଣି ପଚରା ଉଚରା କରାଯାଉଥିବା ପୋଲିସ କହିଛି।


ମା' ବାପାଙ୍କ ସହ ରାସ୍ତା ଉପରେ ଶୋଇ ନିର୍ଯାତିତା ପ୍ରତିବାଦ କରୁଛନ୍ତି।

**ଭଦ୍ରକ-ଚାନ୍ଦବାଲି ରାସ୍ତା ଘଣ୍ଟାଏ ଅବରୋଧ**

## ପଞ୍ଚାୟତ କାର୍ଯ୍ୟାଳୟ ୩ ଦିନ ଶଟ୍‌ଡାଉନ

ବାସୁଦେବପୁର, ୧୨।୮(ଡି.ଏନ୍.ଏ.)

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ବରଣ୍ଡୁଆ ପଞ୍ଚାୟତ କାର୍ଯ୍ୟାଳୟ ପରିସରକୁ ସରପଞ୍ଚ ବସନ୍ତ ମଞ୍ଜରୀ ବିଶ୍ୱାଳ ୩ ଦିନ(୭୨ ଘଣ୍ଟା) ପର୍ଯ୍ୟନ୍ତ ଶଟ୍ ଡାଉନ ଘୋଷଣା କରିଛନ୍ତି। ଏତଦ୍‌ଭିନ୍ନ ଚଳିତ ମାସ ୧୯ ତାରିଖ ପର୍ଯ୍ୟନ୍ତ ବେତଡ଼ା ହାଟ ପ୍ରତିଦିନ ୩ ଟାରେ ବନ୍ଦ ହେବ ବୋଲି ପଞ୍ଚାୟତ କାର୍ଯ୍ୟାଳୟ ପକ୍ଷରୁ ସରପଞ୍ଚ ନିର୍ଦ୍ଦେଶନାମା ଜାରି କରି ଲୋକଙ୍କ ଅବଗତି ନିମନ୍ତେ ଡିଣ୍ଡିରା ମାଧ୍ୟମରେ ଜଣାଯାଇଛି। ପଞ୍ଚାୟତ କାର୍ଯ୍ୟାଳୟର ଜଣେ କର୍ମଚାରୀ କରୋନା ପଜିଟିଭ ଚିହ୍ନଟ ହେବା ସହିତ ବେତଡ଼ା ହାଇସ୍କୁଲରେ କୋଭିଡ୍ ସେଣ୍ଟରରେ କରୋନା ପଜିଟିଭ ବ୍ୟକ୍ତି ଚିକିତ୍ସିତ ହେଉଥିବାରୁ ଏହାର ଗୁରୁତ୍ୱ ଉପଲବ୍ଧୀ କରି ପଞ୍ଚାୟତ ପକ୍ଷରୁ ଏହି ପଦକ୍ଷେପ ଗ୍ରହଣ କରାଯାଇଥିବା ସରପଞ୍ଚ କହିଛନ୍ତି।

## ଶ୍ରମିକଙ୍କୁ ନେଇ ଯାଉଥିବା ଗାଡ଼ି ଓଲଟିଲା: ୧୫ ଆହତ

ଜଳେଶ୍ୱର,୧୨।୮(ସ୍ୱ.ପ୍ର)

ବାଲେଶ୍ୱର ଜିଲାର ରାଇବଣିଆ ଅଞ୍ଚଳର କୃଷି ଶ୍ରମିକମାନେ ବିଲରେ ରୁଆପୋତା ଲାଗି ପ୍ରତିଦିନ ପିକ୍‌ଅପରେ ଜଳେଶ୍ୱର କିମ୍ବା ଭୋଗରାଇର ବିଭିନ୍ନ ଅଞ୍ଚଳକୁ ଯାଉଛନ୍ତି। ବୁଧବାର ୧୦ ପିକ୍‌ଅପ୍ ଓ ୧୨ ଟେମ୍ପୋ ଯୋଗେ ଶ୍ରମିକମାନେ ରାଇବଣିଆ ଅଞ୍ଚଳରୁ ନାମ୍ପୋ, ଇକଡ଼ା, କମର୍ଦ୍ଦା, ବାରମାଇଲ, ସାହୁଛକକୁ କାମ ପାଇଁ ଆସିଥିଲେ। ଅପରାହ୍ନରେ ଫେରିଲାବେଳେ ଏକ ପିକ୍‌ଅପ ନାମ୍ପୋ ଫାଣ୍ଡି ଓ ଜଗନ୍ନାଥ ମନ୍ଦିର ମଧ୍ୟରେ ରାସ୍ତା ଉପରେ ଓଲଟି ପଡ଼ିଥିଲା। ଦୁର୍ଘଟଣାରେ ୧୫ଜଣ ଆହତ ହୋଇଛନ୍ତି।

# ରିପୋର୍ଟ କାର୍ଡ ପ୍ରକାଶ କଲେ ମୟୂରଭଞ୍ଜ ଏମ୍‌ପି


ବାର୍ଷିକ ରିପୋର୍ଟ କାର୍ଡ ଉନ୍ମୋଚନ କାର୍ଯ୍ୟକ୍ରମରେ ଏମ୍‌ପି ବିଶ୍ୱେଶ୍ୱର ଟୁଡୁ ଓ ଅନ୍ୟମାନେ।

ବାରିପଦା ଅଫିସ,୧୨।୮

ମୟୂରଭଞ୍ଜ ସଂସଦୀୟ କ୍ଷେତ୍ର ପରାମର୍ଶଦାତା କମିଟି ଆନୁକୂଲ୍ୟରେ ସୋମବାର ଏମ୍‌ପି ବିଶ୍ୱେଶ୍ୱର ଟୁଡୁଙ୍କ ବାର୍ଷିକ ରିପୋର୍ଟ କାର୍ଡ ପ୍ରକାଶ ପାଇଛି। ଏକ ଖବରଦାତା ସମ୍ମିଳନୀରେ ନିଜ ଅଞ୍ଚଳରେ ହୋଇଥିବା ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ସମ୍ପର୍କରେ ଏମ୍‌ପି ଟୁଡୁ ସୂଚନା ଦେଇଥିଲେ। ଜିଲାରେ କୃଷି ଓ ଜଳସେଚନ, ଲଘୁ, କ୍ଷୁଦ୍ର ଓ ମଧ୍ୟମ ଶିଳ୍ପର ବିକାଶ, ପର୍ଯ୍ୟଟନ ସ୍ଥଳୀର ବିକାଶ, ଶିକ୍ଷା, ରେଳର ବିକାଶ, ମତ୍ସ୍ୟ, ଗୋ-ପାଳନ, ଜାତୀୟ ରାଜପଥରେ ନିର୍ମାଣ ହେବାକୁ ଥିବା ଓଭରବ୍ରିଜ, ରାସଗୋବିନ୍ଦପୁରରେ ଥିବା ଏୟାରଷ୍ଟ୍ରିପ୍‌ର ଉନ୍ନତିକରଣ, ନୂତନ ରେଳ ସଂଯୋଗ ଆଦି ବିଭିନ୍ନ ଜନହିତକର କାର୍ଯ୍ୟକ୍ରମର ଅଗ୍ରଗତି ସମ୍ପର୍କରେ ଜଣାଇଥିଲେ। ବାର୍ଷିକ ରିପୋର୍ଟ କାର୍ଡର ଏକ ପୁସ୍ତକ ଅତିଥିଙ୍କ ଦ୍ୱାରା ଉନ୍ମୋଚନ ହୋଇଥିଲା। ପ୍ରାରମ୍ଭରେ ସଂସଦୀୟ କ୍ଷେତ୍ରର ସଦସ୍ୟ ଜୀବନ ସାହୁ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ କବି ବିଷ୍ଣୁ ଶତପଥୀ ମଞ୍ଚ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲାପରିଷଦ ଅଧ୍ୟକ୍ଷା ସୁଜାତା ମୁର୍ମୁ, ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ, ଛୋଟେଲାଲ ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ । ଓଡ଼ିଶାର ଦ୍ୱିତୀୟ ଏମ୍‌ପି ଭାବେ ଟୁଡୁ ତାଙ୍କ ରିପୋର୍ଟ କାର୍ଡ ପ୍ରକାଶ କରିଥିବା ଭାଜପା ପକ୍ଷରୁ କୁହାଯାଇଛି।

# ଅନ୍‌ଲାଇନ୍‌ରେ କୃଷ୍ଣ ବେଶ ପ୍ରତିଯୋଗିତା

କେନ୍ଦୁଝର, ୧୨।୮ (ସ୍ୱ.ପ୍ର./ଡି.ଏନ.ଏ.)

କେନ୍ଦୁଝରଗଡଠାରେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଶିଶୁବାଟିକା ବିଭାଗର ଜନ୍ମାଷ୍ଟମୀ ପାଳିତ ହୋଇଯାଇଛି। ଏଥିରେ ଅନ୍‌ଲାଇନ ମାଧ୍ୟମରେ ୫୫ଜଣରୁ ଅଧିକ ଶିଶୁ କୃଷ୍ଣ ବେଶ ପ୍ରତିଯୋଗିତାରେ ଭାଗ ନେଇଥିଲେ। ବିଦ୍ୟାଳୟର ପ୍ରଧାନାଚାର୍ଯ୍ୟ ରାଜେନ୍ଦ୍ର ପ୍ରସାଦ ଅଗସ୍ତି ଓ ଶିଶୁବାଟିକା ବିଭାଗର ୫ଜଣ ଗୁରୁମା ଗୁରୁଜୀ ବିଦ୍ୟାଳୟରେ ଶ୍ରୀକୃଷ୍ଣଙ୍କୁ ପୂଜା କରିଥିଲେ। ସମସ୍ତ ଶିଶୁମାନେ ଘରେ ରହି ଏହି ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିଲେ। ସେହିପରି କେନ୍ଦୁଝର ସହରର ଅନ୍ୟାନ୍ୟ ଶିଶୁ ମନ୍ଦିର, ଡେଲି ମାର୍କେଟ ସ୍ଥିତ ରାସ ମନ୍ଦିର, ଜଗନ୍ନାଥପୁର ସ୍ଥିତ ମନ୍ଦିର ସମେତ ଅନ୍ୟାନ୍ୟ ମନ୍ଦିରରେ କରୋନା କଟକଣା ପାଇଁ ନିରାଡମ୍ବର ଭାବରେ ଜନ୍ମାଷ୍ଟମୀ ପାଳିତ ହୋଇଛି।

# ଘର ଭିତରୁ ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ପାଟଣା,୧୨।୮(ସ୍ୱ.ପ୍ର.)

କେନ୍ଦୁଝର ଜିଲା ପାଟଣା ବ୍ଲକ ଖୀରେଇଟାଙ୍ଗିରି ଗ୍ରାମ ଭାଲୁପାହାଡ଼ି ସାହିରେ ଘର ଭିତରୁ ମଙ୍ଗଳବାର ଜଣେ ୧୯ ବର୍ଷର ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ହୋଇଛି। ମୃତକ ହେଲେ ଲିଟୁ ନାଏକ। କୌଣସି କାରଣରୁ ସେ ଶୋଇବା ଘର ଏକ ଶେଣୀରେ ସୋମବାର ରାତିରେ ଗାମୁଛାକୁ ବେକରେ ଲଗାଇ ଆତ୍ମହତ୍ୟା କରିଛନ୍ତି। ଆତ୍ମହତ୍ୟାର ପ୍ରକୃତ କାରଣ ସ୍ପଷ୍ଟ ହୋଇ ନ ଥିବା ବେଳେ ଖବର ପାଇ ଘଟଣା ସ୍ଥଳରେ ତୁରୁମୁଙ୍ଗା ପୋଲିସ ପହଞ୍ଚି ଏକ ଅପମୃତ୍ୟୁ ମାମଲା (ନଂ.୨୬/୨୦) ରୁଜୁ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

# ଜୁରୁଡ଼ି ରେଳ ସାଇଡିଂରେ ଉତ୍ତେଜନା


ଉତ୍ତେଜନା ହେବାରୁ ଘଟଣାସ୍ଥଳରେ ପୋଲିସ ଲୋକଙ୍କ ସହ ଆଲୋଚନା କରୁଛି।

ଯୋଡ଼ା,୧୨।୮(ଡି.ଏନ୍.ଏ.)

କେନ୍ଦୁଝର ଜିଲା ଯୋଡ଼ା ଖଣି ମଣ୍ଡଳର ଜୁରୁଡିସ୍ଥିତ ରେଳସାଇଡିଂରେ ଖଣିଜ ବୋଝେଇ ହାଇୱା ଟ୍ରକ ଚଳାଚଳକୁ ପୁରୁଣା ଡମ୍ଫର ମାଲିକ ସଂଘର ବିରୋଧ ଯୋଗୁ ଉତ୍ତେଜନା ଦେଖାଦେଇଥିଲା। ଏନେଇ ସ୍ଥାନୀୟ ଅଞ୍ଚଳରେ ପୋଲିସ ଫୋର୍ସ ମୁତୟନ ହୋଇଥିଲା। ସୂଚନାଯୋଗ୍ୟ, ଗୁଆଲି ଅଞ୍ଚଳର ଏକାଧିକ ଖଣିରୁ ଖଣିଜ ବୋଝେଇ କରି କେତେକ ହାଇୱା ଜୁରୁଡି ରେଳ ସାଇଡିଂକୁ ଖଲାସ କରିବା ପାଇଁ ଆସିଥିବା ବେଳେ ପୁରୁଣା ଡମ୍ଫର ମାଲିକ ସଂଘର ଶତାଧିକ କର୍ମକର୍ତ୍ତାମାନେ ଏହାକୁ ବିରୋଧ କରିଥିଲେ। ଘଟଣାସ୍ଥଳରେ ବଡବିଲ ଏସଡିପିଓ ସତ୍ୟବିକାଶ ଭୂୟାଁ, ଯୋଡା ଥାନା ଆଇଆଇସି ରାଇସେନ ମୁର୍ମୁ, ବାମେବାରୀ ଥାନା ଓଆଇସି ଅମିତାବ ଦାସ ୬ ପ୍ଲାଟୁନ୍ ପୋଲିସ ଫୋର୍ସ ସହିତ ପହଞ୍ଚି ଏହାକୁ ନିୟନ୍ତ୍ରଣ କରିଥିଲେ। ପୁରୁଣା ଟ୍ରକ ମାଲିକ ସଂଘ ମାଟୋଆର ସଭାପତି ଓ ଅନ୍ୟ କର୍ମକର୍ତ୍ତାଙ୍କ ସହିତ ପୋଲିସ ଅଧିକାରୀ ଆଲୋଚନା କରିଥିଲେ। ଏ ସମ୍ପର୍କରେ ବଡବିଲ ଏସଡିପିଓ ଭୂୟାଁ କହିଛନ୍ତି, ଆସନ୍ତା ୩ ଦିନ ମଧ୍ୟରେ ଏହି ସମସ୍ୟାର ସମାଧାନ କରାଯିବ।

**ହାଇୱା ଚଳାଚଳକୁ ଡମ୍ଫର ମାଲିକଙ୍କ ବିରୋଧ**


# CLASSIFIED DISPLAY

MORE SPACE • SAME PRICE

TARIFF

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

GST 5%

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ ମାମଲା, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
7503449786
8800979262
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ଖର୍ଚ୍ଚ ଲୋନ ପାସ୍ ହେଲା ପରେ
GLOBAL FINANCE
(Reg. No. KA08FGD557S113)
(ବିନା କୌଣସୀ ସାକ୍ୟୁରିଟି ରେ)
୧୯୮୧ ରୁ ଆପଙ୍କର ସେବାରେ ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭଡା, କୁକୁଡାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ଧୋକାବାଜ୍ କୁ ସାବଧାନ, ଧୋକା ଖାଇଥିବା ଅବଶ୍ୟ କଲ କରନ୍ତୁ
2th floor, Krishna Reddy, Mumbai, Maharastra
7653848464

BANDHAN FINANCE
(Regd No - 1125124)
Bandhan ଋଣ ଲିମିଟେଡ୍ ଭରସାର ପ୍ରତିକ ସରକାରୀ ସ୍ୱୀକୃତିପ୍ରାପ୍ତ କମ୍ପାନୀଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, ଋଣ ୪୮ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ
50% ଛାଡ
ଧୋକାଖାଇଥିବା ବ୍ୟକ୍ତି ଅବଶ୍ୟ ସମ୍ପର୍କ କରନ୍ତୁ
Lane No - 5, MG Road, Bangalore
8813813462

ନିଜ ଜମିକୁ ରୋଜଗାରର ମାଧ୍ୟମ ବନାନ୍ତୁ
GALAXY TOWER CO.
କମ୍ପାନୀ ଦ୍ୱାରା ଖାଲି ଜମି, ଛାତ, ଖେତ ଓ ପ୍ଲଟ୍‌ରେ ଡାଇରେକ୍ଟ କମ୍ପାନୀର ସିନିୟର ଅଧିକାରୀଙ୍କ ସହ କଥା ହୋଇ
ଡିଜିଟାଲ
ମଲ୍ଟିମିଡିଆ ଟାୱାର ଲଗାନ୍ତୁ।
ଅଗ୍ରିମ: 60 ଲକ୍ଷ
ଭଡ଼ା: 45 ହଜାର
+ ମାସିକ 20 ହଜାରର ଅନ୍ୟାନ୍ୟ ସୁବିଧା
ଦ୍ରଷ୍ଟବ୍ୟ: ଟାୱାର ଲଗାଇବାର ଅନୁମତି ମାତ୍ର ଅଳ୍ପକେତେକ କମ୍ପାନୀର ଅଛି
କମ୍ପାନୀ ତରଫରୁ ମାଗଣା ମୋବାଇଲ + ବାଇକ୍
ଡାଇରେକ୍ଟ କମ୍ପାନୀ ସହ ଯୋଗାଯୋଗ କରନ୍ତୁ
94856-87401
87654-83137

BDFC Finance
(ରେଜିଷ୍ଟ୍ରେଡ କମ୍ପାନୀ)
ସମସ୍ତ ପ୍ରକାର ଲୋନ ନିଅନ୍ତୁ ମାତ୍ର ୧୦ ଦିନ ମଧ୍ୟରେ
ପ୍ରପୋର୍ଟି, ପର୍ସନାଲ୍, ମାର୍କସିଟ୍, ପଶୁପାଳନ, ବ୍ୟବସାୟ, ଗୃହ, ଶିକ୍ଷା, କୃଷି ଓ ଲଘୁଉଦ୍ୟୋଗ ପାଇଁ ଋଣ ନେବାକୁ ଯୋଗାଯୋଗ କରନ୍ତୁ
ସୁଧ ୧% ଘରେ ବସି ପାଆନ୍ତୁ
Ratanpur, Balbaspur, Sundergarh
8895873257
7656825247

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ALL EDITION - B/W
(Every Day)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

କଣ ଆପଣ ଚିନ୍ତିତ କି
ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
ଫୋନ୍ ଲଗାନ୍ତୁ, ସମସ୍ୟା ବୁଝନ୍ତୁ
ବାବା ଆଲାମ ଖାନ
ମାଷ୍ଟର କ୍ୟାଣ୍ଡିନ, ଭୁବନେଶ୍ୱର
9773820765
ବି.ଦ୍ର : ଯଦି କାହାର ପତି ବା ପ୍ରେମୀ ଅନ୍ୟ ଦ୍ୱାରା ବଶୀଭୂତ ତେବେ ଆମକୁ ଯୋଗାଯୋଗ କରନ୍ତୁ ୨ ଘଣ୍ଟାରେ ଗ୍ୟାରେଣ୍ଟି ସମାଧାନ
ସ୍ପେଶାଲିଷ୍ଟ-ବଶୀକରଣ ଓ ମୁଠକରଣୀ
ତନ୍ତ୍ର ମନ୍ତ୍ର ର ସମ୍ରାଟ, କାମନହେଲେ ପଇସା ଫେରସ୍ତ, ଗୃହ କ୍ଳେଶ, ପତି ପତ୍ନୀ ମଧ୍ୟରେ ଝଗଡା, ବିବାହରେ ସମସ୍ୟା, ଲଭ୍ ମ୍ୟାରେଜ, ବ୍ୟବସାୟରେ ବାଧା, ରୋଗରେଔଷଧ କାମ ନକରିବା, ସନ୍ତାନ ପ୍ରାପ୍ତି, ବିଦେଶ ଯାତ୍ରା ମୋ କାମକୁ କାଟିଥିବା ଲୋକକୁ ମନଚାହିଁ ପୁରସ୍କାର।
9910560681

# ବାଲେଶ୍ୱରରେ ପାସ୍ ହାର ସର୍ବାଧିକ

## ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ, ଉତ୍ତର ଓଡ଼ିଶା ଜୋନ୍

# ଉତ୍ତୀର୍ଣ୍ଣ ହେଲେ ୮୪.୨୬%

ବାଲେଶ୍ୱର ଅଫିସ,୧୨।୮

ଯୁକ୍ତ୨ ବିଜ୍ଞାନ ପରୀକ୍ଷା ଫଳ ବୁଧବାର ପ୍ରକାଶ ପାଇଛି। ବାଲେଶ୍ୱର ଜିଲାରେ ଫଳାଫଳ ୮୪.୨୬% ହୋଇଛି। ଚଳିତବର୍ଷ ଜିଲାରେ ମୋଟ ୧୦୨ଟି ଯୁକ୍ତ ୨ ମହାବିଦ୍ୟାଳୟରେ ୬୬୫୪ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ୫୬୦୭ ଜଣ ପାସ୍ କରିଛନ୍ତି। ପ୍ରଥମ ଶ୍ରେଣୀରେ ୨୭୭୦, ଦ୍ୱିତୀୟ ଶ୍ରେଣୀରେ ୧୯୯୩, ତୃତୀୟ ଶ୍ରେଣୀରେ ୮୦୨ ଏବଂ କମ୍ପାଟମେଣ୍ଟାଲରେ ୪୨ ଜଣ ପାସ୍ କରିଥିବା ଉତ୍ତରଓଡ଼ିଶା ଉଚ୍ଚ ମାଧ୍ୟମିକ ପରିଷଦ ପକ୍ଷରୁ ଜଣାପଡ଼ିଛି।

ରାଜ୍ୟସ୍ତରୀୟ ଟପ୍ପର ତାଲିକାରେ ଝାଡ଼େଶ୍ୱର ସାଇନ୍ସ ରେସିଡେନ୍ସିଆଲ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ଛାତ୍ର ଅଭିରୂପ ମାଇତି ୫୬୧ନମ୍ବର ରଖି ଜିଲାରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ସୁଲଗ୍ନା ଉଚ୍ଚମାଧ୍ୟମିକ ବିଦ୍ୟାଳୟର ଛାତ୍ର ବିଜୟ କୁମାର ପାଣିଗ୍ରାହୀ ୫୬୦ ନମ୍ବର ରଖି ଦ୍ୱିତୀୟ, ଫକୀରମୋହନ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ଛାତ୍ରୀ ମୋନାଲିସା ସାହୁ ୫୫୫ ନମ୍ବର ଏବଂ ଝାଡ଼େଶ୍ୱର ସାଇନ୍ସ ରେସିଡେନ୍ସିଆଲ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ଛାତ୍ର ଜୟପ୍ରକାଶ ରାଉତ ୫୫୫ ରଖି ଉଭୟ ତୃତୀୟ, ଉପେନ୍ଦ୍ର ନାଥ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ଛାତ୍ର ଅର୍ପିତା ସାହୁ ଓ ଅଙ୍କିତା ପାତ୍ର ଉଭୟ ୫୫୨ ନମ୍ବର ରଖି ଚତୁର୍ଥ ସ୍ଥାନ ଅଧିକାର ଜଣାପଡ଼ିଛି। ସର୍ବୋପରି ଫକୀରମୋହନ ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ମୋଟ ୪୦୫ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବା ବେଳେ ପ୍ରଥମ ଶ୍ରେଣୀରେ ୨୫୧ ଜଣ, ଦ୍ୱିତୀୟ ଶ୍ରେଣୀରେ ୧୧୦ ଜଣ, ତୃତୀୟ ଶ୍ରେଣୀରେ ୨୨ ଜଣ ପାସ୍ କରିଥିବା ବେଳେ ପାସ୍ ହାର ୯୪.୫୭% ରହିଛି।

### ଚାଷୀଙ୍କ ପୁଅ ଜିଲାରେ ଟପ୍ପର


ଅଭିରୂପ ମାଇତି

ବାଲେଶ୍ୱର ଝାଡ଼େଶ୍ୱର ସାଇନ୍ସ ରେସିଡେନ୍ସିଆଲ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ଛାତ୍ର ଅଭିରୂପ ମାଇତି ୫୬୧ (୯୩.୫%) ନମ୍ବର ରଖି ଜିଲାରେ ଟପ୍ପର୍ ହୋଇଥିବା ବେଳେ ରାଜ୍ୟରେ ୬ ନମ୍ବର ସ୍ଥାନ ଅଧିକାର କରିଛନ୍ତି। ଦୈନିକ ସେ ୮ରୁ ୯ ଘଣ୍ଟା ପରିଶ୍ରମ କରୁଥିଲେ। ଭବିଷ୍ୟତରେ ଡାକ୍ତର ହୋଇ ଲୋକଙ୍କ ସେବା କରିବାକୁ ଲକ୍ଷ୍ୟ ରଖିଛନ୍ତି। ଭଦ୍ରକ ଧାମରା ଅଞ୍ଚଳର ଅନ୍ନପୂର୍ଣ୍ଣା ଓ ଅଭୟ କୁମାର ମାଇତିଙ୍କ ପୁଅ ଅଭିରୂପ। କୃଷକ ପରିବାରରୁ ହୋଇଥିଲେ ମଧ ତାଙ୍କର ନିଷ୍ଠା ଏବଂ ଏକାଗ୍ରତା ପାଇଁ ସେ ମାଟ୍ରିକରେ ୯୧% ରଖିଥିବା ବେଳେ ଯୁକ୍ତ୨ ବିଜ୍ଞାନରେ ୯୩.୫% ରଖି ପାସ୍ କରିଛନ୍ତି।

### 'ଡାକ୍ତର ହେବାକୁ ଲକ୍ଷ୍ୟ ରଖିଛି'


ସାର୍ଥକ ରଞ୍ଜନ ରାଉତ

**ଭଦ୍ରକ ଅଫିସ, ୧୨।୮:** ଭବିଷ୍ୟତରେ ଜଣେ ଭଲ ଡାକ୍ତର ହେବି। ଗରିବ ଓ ଅସହାୟ ଲୋକଙ୍କ ସେବା କରିବି ବୋଲି କୁହନ୍ତି ଯୁକ୍ତ ୨ ବିଜ୍ଞାନ ପରୀକ୍ଷାରେ ୯୪.୩ ପ୍ରତିଶତ ମାର୍କ ରଖି ରାଜ୍ୟରେ ଦ୍ୱିତୀୟ ସ୍ଥାନ ହାସଲ କରିଥିବା ସାର୍ଥକ ରଞ୍ଜନ ରାଉତ। ସାର୍ଥକଙ୍କ ଘର ଭଦ୍ରକ ଜିଲା ଧୂଷୁରୀ ଥାନା ରଇପୁର ଗ୍ରାମରେ। ସେ ଗଞ୍ଜାମ ଜିଲା ବ୍ରହ୍ମପୁର ନୀଳକଣ୍ଠନଗରସ୍ଥିତ ସରସ୍ୱତୀ ବିଦ୍ୟାମନ୍ଦିର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପାଠ ପଢୁଥିଲେ। ସାର୍ଥକଙ୍କ ବାପା ହୃଷିକେଶ ରାଉତ ଭଦ୍ରକ ଅସୁରାଳି କଲେଜରେ ଇଂରାଜୀ ଅଧ୍ୟାପକ ଥିବା ବେଳେ ମା'ଗୃହିଣୀ। ସେ ନିଜର ଏହି ସଫଳତାର ଶ୍ରେୟ ମା', ବାପା, ମା', ବଡ଼ ଭଉଣୀ ଏବଂ ଶିକ୍ଷୟିତ୍ରୀଙ୍କୁ ଦେଇଛନ୍ତି। ସାର୍ଥକ ମାଟ୍ରିକ ପରୀକ୍ଷାରେ ମଧ ଜିଲାରେ ୯୩ ପ୍ରତିଶତ ରଖି ୫ମ ସ୍ଥାନ ହାସଲ କରିଥିଲେ।

### ମୂର୍ତ୍ତି କାରିଗରଙ୍କ ପୁଅ ରାଜ୍ୟରେ ୪ର୍ଥ


ନିମାଇଁ ବିଶ୍ୱରଞ୍ଜନ ବେହେରା

**ଖଇରା,୧୨।୮(ଡି.ଏନ.ଏ.):** ବାଲେଶ୍ୱର ଜିଲା ଖଇରା ବ୍ଲକ ମଳିହା ବଣସାହି ଗ୍ରାମର ନିମାଇଁ ବିଶ୍ୱରଞ୍ଜନ ବେହେରା +୨ ବିଜ୍ଞାନ ପରୀକ୍ଷାରେ ୫୬୪ ନମ୍ବର ରଖି ରାଜ୍ୟ ଟପ୍ପର ତାଲିକାରେ ୪ର୍ଥ ସ୍ଥାନ ହାସଲ କରିଛନ୍ତି। ସେ ଭବିଷ୍ୟତରେ ଜଣେ ଡାକ୍ତର ହେବାକୁ ଲକ୍ଷ୍ୟ ରଖିଛନ୍ତି। ଭୁବନେଶ୍ୱର ବିଜେବି କଲେଜରେ ପଢୁଥିବା ନିମାଇଁଙ୍କ ବାପା ରମାକାନ୍ତ ଜଣେ ମୂର୍ତ୍ତୀ କାରିଗର। ମା' ସୁକାନ୍ତୀଲତା ବେହେରା ଜଣେ ଗୃହିଣୀ। ନିମାଇଁ ଦିନକୁ ହାରାହାରି ୮ଘଣ୍ଟା ପରିଶ୍ରମ କରୁଥିଲେ। ସେ ତାଙ୍କ ସଫଳତାର ଶ୍ରେୟ କଲେଜ ଅଧ୍ୟାପିକା, ଅଧ୍ୟାପକ, ମା' ବାପା, ୨ ମାଇଁ ଓ ୨ମାମୁଙ୍କୁ ଦେଇଛନ୍ତି। ପାଠପଢ଼ା ବ୍ୟତିତ ଗୀତ ଓ ଗଳ୍ପ ଲେଖିବାକୁ ପସନ୍ଦ କରନ୍ତି। ନିମାଇଁ ମାଟ୍ରିକ ବୋର୍ଡ ପରୀକ୍ଷାରେ ୫୬୭ ନମ୍ବର ରଖିଥିଲେ।

## ମୟୂରଭଞ୍ଜରେ ୬୪% ପାସ୍

**ବାରିପଦା ଅଫିସ,୧୨।୮:** ଯୁକ୍ତ ୨ ବିଜ୍ଞାନ ପରୀକ୍ଷାରେ ମୟୂରଭଞ୍ଜ ଜିଲାରେ ପାସ୍ ହାର ୬୪.୪୨ ପ୍ରତିଶତ ରହିଥିବା ବାରିପଦାସ୍ଥିତ ଉତ୍ତର ଓଡ଼ିଶା ପରିଷଦ କାର୍ଯ୍ୟାଳୟ ପକ୍ଷରୁ ସୂଚନା ମିଳିଛି। ଗତବର୍ଷ ତୁଳନାରେ ପାସ୍ ହାର ୩ ପ୍ରତିଶତ କମିଛି। ଚଳିତ ବର୍ଷ ଜିଲାର ମୋଟ ୯୬ଟି ଯୁକ୍ତ ୨ ବିଜ୍ଞାନ କଲେଜରୁ ୫ହଜାର ୩୧୯ ପରୀକ୍ଷାର୍ଥୀ ପରୀକ୍ଷା ଦେବା ପାଇଁ ଫର୍ମ ପୂରଣ କରିଥିଲେ। ସେଥିମଧ୍ୟରୁ ୫,୩୧୩ଜଣ ୭୭ଟି କେନ୍ଦ୍ରରେ ପରୀକ୍ଷା ଦେଇଥିବା ବେଳେ ୩,୪୨୩ ଜଣ ପରୀକ୍ଷାର୍ଥୀ ପାସ୍ କରିଛନ୍ତି। ସେମାନଙ୍କ ମଧ୍ୟରୁ ପ୍ରଥମ ଶ୍ରେଣୀରେ ୧୦୬୫, ଦ୍ୱିତୀୟରେ ୧୨୩୭, ତୃତୀୟରେ ୧୧୩୯ ଓ କମ୍ପାଟ୍‌ମେଣ୍ଟାଲରେ ୩୨ଜଣ ପାସ୍ କରିଛନ୍ତି। ଏମ୍‌ପିସି ଜୁନିୟର କଲେଜର ଛାତ୍ର ଆଶିଷ କୁମାର ମହାନ୍ତ ଜିଲାରେ ସର୍ବାଧିକ ୫୪୪ ନମ୍ବର ରଖିଛନ୍ତି। ସେହିପରି ସାଇ ବିଦ୍ୟାମନ୍ଦିରର ଛାତ୍ର ଏସ.କେ. ସିଜାରୁଦ୍ଦିନ(୫୩୫) ଦ୍ୱିତୀୟ ଓ ଛାତ୍ରୀ ସ୍ନିଗ୍ଧା ମହାପାତ୍ର (୫୩୪) ନମ୍ବର ରଖି ତୃତୀୟ ସ୍ଥାନରେ ରହିଛନ୍ତି।

### 'ପଦାର୍ଥ ବିଜ୍ଞାନରେ ପ୍ରଫେସର ହେବି'


ଆଶିଷ କୁମାର ମହାନ୍ତ

**ବାରିପଦା ଅଫିସ,୧୨।୮:** ଯୁକ୍ତ ୨ ବିଜ୍ଞାନ ପରୀକ୍ଷାରେ ବାରିପଦା ଏମ୍‌ପିସି ଜୁନିୟର କଲେଜର ଛାତ୍ର ଆଶିଷ କୁମାର ମହାନ୍ତ ମୟୂରଭଞ୍ଜ ଜିଲାରେ ସର୍ବୋଚ୍ଚ ୫୪୪ ନମ୍ବର ରଖିଛନ୍ତି। ୯୦.୬୬ ପ୍ରତିଶତ ନମ୍ବର ରଖି ଜିଲାର ଗୌରବ ବୃଦ୍ଧି କରିଥିବା ଆଶିଷ ପଦାର୍ଥ ବିଜ୍ଞାନର ପ୍ରଫେସର ହେବାକୁ ଲକ୍ଷ୍ୟ ରଖିଥିବା କହିଛନ୍ତି। ବାରିପଦା ସହରର ୱାର୍ଡ ନଂ. ୨୧ର ଦୀପକ କୁମାର ମହାନ୍ତ ଓ ମା'ଚନ୍ଦ୍ରକାନ୍ତିଙ୍କ ପୁତ୍ର ଆଶିଷ ତାଙ୍କ ସଫଳତାର ଶ୍ରେୟ ବାପା, ମା', କଲେଜର ଶିକ୍ଷୟିତ୍ରୀ ଶିକ୍ଷକ ଓ କୋଚିଂ ନେଉଥିବା ଦିଗନ୍ତ ବିକାଶ କେନ୍ଦ୍ରର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ଦେଇଛନ୍ତି।

## ଭଦ୍ରକରେ ପାସ୍ ହାର ୭୫.୩୧ ପ୍ରତିଶତ

ଭଦ୍ରକ ଅଫିସ, ୧୨।୮



### ଜିଲାରେ ଅଭିନନ୍ଦନ ଟପ୍ପର

ଉଚ୍ଚ ମାଧ୍ୟମିକ ଯୁକ୍ତ ୨ ବିଜ୍ଞାନ ପରୀକ୍ଷା ଫଳ ବୁଧବାର ପ୍ରକାଶ ପାଇଛି। ଭଦ୍ରକ ଜିଲାର ପାସ୍ ହାର ୭୫.୩୧ ପ୍ରତିଶତ ରହିଥିବା ଜଣାପଡ଼ିଛି। ମିଳିଥିବା ରିପୋର୍ଟ ମୁତାବକ ଜିଲାର ୨୬୮୦ ପରୀକ୍ଷାର୍ଥୀ ଫର୍ମ ଫିଲଅପ୍ କରିଥିଲେ। ସେଥିରୁ ୨୬୭୪ ଜଣ ପରୀକ୍ଷା ଦେଇଥିଲେ। ସେଥିରୁ ୬୪୯ ଜଣ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବା ବେଳେ ୯୧୧ ଜଣ ଦ୍ୱିତୀୟ ଶ୍ରେଣୀ ଓ ୪୨୧ ଜଣ ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ୩୩ ଜଣ କମ୍ପାଟମେଣ୍ଟ ଥିବା ଜଣାପଡ଼ିଛି। ଜଣକ ପରୀକ୍ଷା ଫଳ ସ୍ଥଗିତ ଥିବା ବେଳେ ୭ ଜଣ ମାଲ ପ୍ରାଟିକ୍ସ ହୋଇଥିବା ଜଣାପଡ଼ିଛି। ଜିଲାରେ ଭଦ୍ରକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ(ଭଦ୍ରକ କଲେଜ)ର ଛାତ୍ର ଅଭିନନ୍ଦନ ପଣ୍ଡା ସର୍ବାଧିକ ୫୪୨(୯୦.୨ ପ୍ରତିଶତ) ରଖି ଟପ୍ପର ହୋଇଥିବା ଜଣାପଡ଼ିଛି। ସେ ଭବିଷ୍ୟତରେ ଡାକ୍ତର ହୋଇ ପରେ ସିଭିଲ ସର୍ଭିସ୍ କରିବା ପାଇଁ ଇଚ୍ଛାପ୍ରକାଶ ରଖିଥିବା ସୂଚନା ମିଳିଛି।

## କେନ୍ଦୁଝରରେ ପାସ୍ ହାର ୫୩.୨୯%

**କେନ୍ଦୁଝର, ୧୨।୮ (ସ୍ୱ.ପ୍ର./ଡି.ଏନ.ଏ.):** ଯୁକ୍ତ ୨ ବିଜ୍ଞାନ ପରୀକ୍ଷାରେ କେନ୍ଦୁଝର ଜିଲାରେ ପାସ୍ ହାର ୫୩.୨୯% ରହିଛି। ପ୍ରଥମ ଶ୍ରେଣୀରେ ୩୧୧ ଜଣ ଦ୍ୱିତୀୟ ଶ୍ରେଣୀରେ ୫୦୯ ଜଣ ଓ ତୃତୀୟ ଶ୍ରେଣୀରେ ୭୩୩ ଜଣ ପାସ୍ କରିଛନ୍ତି। କେନ୍ଦୁଝର ଜିଲାରେ ସମୁଦାୟ ୨୯୫୭ ଜଣ ପରୀକ୍ଷା ଦେଇଥିବା ବେଳେ ୧୫୭୬ ଜଣ ପାସ୍ କରିଛନ୍ତି।

### ଡିଡି ଜୁନିୟର କଲେଜ୍‌ରେ ପାସ୍ ହେଲେ ୭୩.୭୦%

**କେନ୍ଦୁଝର, ୧୨।୮ (ସ୍ୱ.ପ୍ର.):**ଧରଣୀଧର(ଡିଡି) ଜୁନିୟର ମହାବିଦ୍ୟାଳୟରେ ଯୁକ୍ତ ଦୁଇ ବିଜ୍ଞାନରେ ପାସ୍ ହାର ୭୩.୭୦% ରହିଛି। ରେଗୁଲାର୍‌ରେ ୨୧୩ ଜଣ ପରୀକ୍ଷା ଦେଇଥିବା ବେଳେ ୧୫୭ ଜଣ ପାସ କରିଛନ୍ତି। ପ୍ରଥମ ଶ୍ରେଣୀରେ ୫୦, ଦ୍ୱିତୀୟ ଶ୍ରେଣୀରେ ୭୩ ଓ ତୃତୀୟ ଶ୍ରେଣୀରେ ୩୪ ଜଣ ପାସ୍ କରଛନ୍ତି। ମହାବିଦ୍ୟାଳୟର ଛାତ୍ରୀ ଦିପୁଦୁର୍ଗା ମୁର୍ମୁ ସର୍ବାଧିକ ୫୨୯ ଓ ଛାତ୍ର ସାଗର ମହାନ୍ତ ୫୨୭ ନମ୍ବର ରଖି କୃତକାର୍ଯ୍ୟ ହୋଇଛନ୍ତି।

### ପରୀକ୍ଷା ଫଳ ବାହାରିବା ପୂର୍ବରୁ ଛାତ୍ରଙ୍କ ଆତ୍ମହତ୍ୟା

**ବାହାନଗା, ୧୨।୮(ଡି.ଏନ.ଏ.):** ବୁଧବାର ଯୁକ୍ତ ୨ ବିଜ୍ଞାନ ପରୀକ୍ଷା ଫଳ ପ୍ରକାଶ ପାଇଛି। ତେବେ ପରୀକ୍ଷା ଫଳ ପ୍ରକାଶ ପାଇବା ପୂର୍ବରୁ ବାଲେଶ୍ୱର ଜିଲା ବାହାନଗା ବ୍ଲକ ତାଲକୁରୁଣିଆଁ ପଞ୍ଚାୟତ ଅଞ୍ଚଳର ଜଣେ ଛାତ୍ର ଆତ୍ମହତ୍ୟା କରିଛନ୍ତି। ଉକ୍ତ ଛାତ୍ର ଗୋପାଳପୁର ମହାବିଦ୍ୟାଳୟରେ ପଢୁଥିଲେ। ଚଳିତବର୍ଷ ସେ ଯୁକ୍ତ ୨ ବିଜ୍ଞାନ ପରୀକ୍ଷା ଦେଇଥିଲେ। ମଙ୍ଗଳବାର ଉକ୍ତ ଛାତ୍ରଙ୍କୁ ତାଙ୍କ ବାପା ଶତକଡା କେତେ ନମ୍ବର ରଖିବୁ ବୋଲି ପଚାରିଥିଲେ। ସେ ୭୫ ପ୍ରତିଶତ ମାର୍କ ରଖିବେ ବୋଲି କହିଥିଲେ। ପରବର୍ତ୍ତୀ ସମୟରେ ଏତେ ମାର୍କ ରହିବ କି ନାହିଁ ଜାଣି ବାପାଙ୍କୁ ମିଛ କହିଥିବା ଭାବି ନିଜର ମାନସିକ ଭାରସାମ୍ୟ ହରାଇଥିଲେ। ଘରେ କେହି ନ ଥିବା ବେଳେ ଛାତ୍ରଜଣକ ବେକରେ ଲୁଗା ବାନ୍ଧି ଆତ୍ମହତ୍ୟା କରିଦେଇଥିଲେ। ତେବେ ପରୀକ୍ଷା ଫଳ ବାହାରିବା ବେଳକୁ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ତେବେ ସେ ସେକେଣ୍ଡ କ୍ଲାସ ପାଇଥିବା ଜଣାପଡିଛି। ତାଙ୍କର ୩୫୯ ନମ୍ବର ରହିଛି।


ଟାୟାର ଜାଳି ଗ୍ରାମବାସୀ ରାସ୍ତାରୋକୋ କରିଛନ୍ତି।

## ଯୁବକଙ୍କ ଉନ୍ମତ୍ତକାଣ୍ଡ: ତାତିଲେ ଗ୍ରାମବାସୀ

ସଜନାଗଡ଼, ୧୨।୮(ଡି.ଏନ.ଏ.)

- ନାକାବନ୍ଦୀ କରି ଜଗି ରହିଲେ
- ଘର ସମ୍ମୁଖରେ ଟାୟାର ଜାଳି ରାସ୍ତା ଅବରୋଧ କଲେ
- ୧୩ ଘଣ୍ଟା ପରେ ଉଦ୍ଧାର କଲା ପୋଲିସ

ବାଲେଶ୍ୱର ଜିଲା ନୀଳଗିରି ଥାନା ବାଉଁଶବଣିଆ ପଞ୍ଚାୟତ ଛୋଟକାନପୁର ଗ୍ରାମରେ ବିଶ୍ୱଜିତ ଦଳେଇ ନାମକ ଯୁବକ ମାରଣାସ୍ତ୍ର ଧରି ବାରମ୍ବାର ଲୋକଙ୍କୁ ଭୟଭୀତ କରିବା, ଗଣ୍ଡଗୋଳ କରି ଅପ୍ରୀତିକର ପରିସ୍ଥିତି ସୃଷ୍ଟି କରିବା ଘଟଣାରେ ସ୍ଥାନୀୟ ବାସିନ୍ଦା ଅତିଷ୍ଠ ହୋଇପଡିଛନ୍ତି। ଉକ୍ତ ଯୁବକଙ୍କୁ ଉଚିତ୍ ଶାସ୍ତି ଦେବା ପାଇଁ ଗ୍ରାମବାସୀ ଏକଜୁଟ ହୋଇ ମଙ୍ଗଳବାର ରାତିରେ ତାଙ୍କ ଘରକୁ ନାକାବନ୍ଦୀ କରି ଜଗି ରହିଥିଲେ। ଘର ଭିତରେ ବିଶ୍ୱଜିତ୍ ଓ ତାଙ୍କ ମା' କବାଟ ବନ୍ଦ କରି ରହିଥିଲେ। ଖବରପାଇ ପୋଲିସ ପହଞ୍ଚି ସେମାନଙ୍କୁ ଉଦ୍ଧାର କରିବା ପାଇଁ ଉଦ୍ୟମ କରିଥିଲେ ମଧ୍ୟ ଗ୍ରାମବାସୀ ଏହାକୁ ବିରୋଧ କରିଥିଲେ। ଫଳରେ ପୋଲିସ ରାତି ୩ଟାରେ ବାଧ ହୋଇ ଫେରିଆସିଥିଲା। ବୁଧବାର ସକାଳେ ଗ୍ରାମବାସୀ ତାଙ୍କ ଘର ସମ୍ମୁଖରେ ଟାୟାର ଜାଳି ରାସ୍ତା ଅବରୋଧ କରିଥିଲେ। ନୀଳଗିରି ଏସ୍‌ଡିପିଓ ଅମୂଲ୍ୟ କୁମାର ଧର, ଆଇଆଇସି ମୀନତି ବିଶ୍ୱାଳଙ୍କ ନେତୃତ୍ୱରେ ୨ ପ୍ଲାଟୁନ ପୋଲିସ ଫୋର୍ସ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲେ। ଦୀର୍ଘ ୧୩ ଘଣ୍ଟା ପରେ ସାଢେ ୧୦ଟା ବେଳେ ପୋଲିସ ବିଶ୍ୱଜିତ୍ ଓ ତାଙ୍କ ମା'ଙ୍କୁ ସୁରକ୍ଷା ବଳୟ ମଧ୍ୟରେ ଆଣି ନୀଳଗିରି ଥାନାରେ ଅଟକ ରଖିଛନ୍ତି। ବିଶ୍ୱଜିତ୍‌ଙ୍କ ବାପା ରବୀନ୍ଦ୍ର ଦଳେଇ ମଧ୍ୟ ଅଟକ ଅଛନ୍ତି। ନୀଳଗିରି ପୋଲିସ୍ ପକ୍ଷରୁ ଏ ନେଇ ଏକ ମାମଲା (ନଂ. ୨୭୮/୨୦) ରୁଜୁ କରାଯାଇଛି।

ମଙ୍ଗଳବାର ରାତି ପ୍ରାୟ ୮ଟା ବେଳେ ଗ୍ରାମର ଗୌରାଙ୍ଗ ପାତ୍ର (୫୦) ଘରକୁ ଯାଉଥିବା ବେଳେ ବିଶ୍ୱଜିତ୍ ତାଙ୍କ ଘର ସମ୍ମୁଖରେ ଅଟକାଇ ଗାଳିଗୁଲଜ କରିଥିଲେ। ଗୌରାଙ୍ଗ ଏହାର ପ୍ରତିବାଦ କରିବାରୁ ବିଶ୍ୱଜିତ୍ ଓ ତାଙ୍କ ମା' ଦୁହେଁ ମିଶି ଠେଙ୍ଗାରେ ତାଙ୍କୁ ଆକ୍ରମଣ କରିଥିଲେ। ଗୌରାଙ୍ଗ ତଳେ ପଡ଼ିଯାଇ ଚିତ୍କାର କରିବାରୁ ଗ୍ରାମବାସୀ ପହଞ୍ଚି ତାଙ୍କୁ ଉଦ୍ଧାର କରିଥିଲେ। ଏଥିରେ ବିଶ୍ୱଜିତ୍ ଉତ୍ୟକ୍ତ ହୋଇ ଗ୍ରାମବାସୀଙ୍କୁ ମଧ ଗାଳିଗୁଲଜ କରିଥିଲେ। ଏନେଇ ଗୌରାଙ୍ଗ ନୀଳଗିରି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅପରପକ୍ଷରେ ଗ୍ରାମବାସୀ ଏକଜୁଟ ହେବା ଖବରପାଇ ରାଜା ଓ ତାଙ୍କ ମା' ଘରେ କବାଟ ବନ୍ଦ କରି ଭିତରେ ରହିଥିଲେ। ଗ୍ରାମବାସୀ ସେମାନଙ୍କୁ ନାକାବନ୍ଦୀ କରି ଜଗି ରହିଥିଲେ। ପୋଲିସ ଉଦ୍ଧାର କରିବାକୁ ଉଦ୍ୟମ କରିଥିଲେ ମଧ ପୂର୍ବରୁ ଏମିତି ବହୁବାର ବିଶ୍ୱଜିତ୍ ନାମରେ ବହୁ ମାମଲା ଥିବାବେଳେ ତାଙ୍କୁ ପୋଲିସ ନେଇ ଜାମିନରେ ଛାଡ଼ି ଦେଉଛି ବୋଲି ଅଭିଯୋଗ କରିଥିଲେ। ସେଥିପାଇଁ ଗ୍ରାମବାସୀ ତାଙ୍କୁ ପୋଲିସରେ ନ ଦେଇ ସେମାନେ ନିଜେ ଘଟଣାର ସମାଧାନ କରିବେ ବୋଲି ଜିଦ୍ ଧରିଥିଲେ।

## ପୋଖରୀରୁ ଯୁବକଙ୍କ ମୃତଦେହ ଉଦ୍ଧାର

ବାଲେଶ୍ୱର ଅଫିସ,୧୨।୮

ବାଲେଶ୍ୱର ଚାନ୍ଦିପୁର ଥାନା ଝାମ୍ପୁରା ଛକ ପେଟ୍ରୋଲପମ୍ପ ନିକଟରେ ଥିବା ପୋଖରୀରୁ ଏକ ମୃତଦେହ ଉଦ୍ଧାର କରାଯାଇଛି। ମୃତକ ହେଲେ ନୀଳଗିରି ଅଞ୍ଚଳର ଦେବେନ୍ଦ୍ର ସିଂ। ଦେବେନ୍ଦ୍ର ଚାନ୍ଦିପୁର ଝାମ୍ପୁରାସ୍ଥିତ ତାଙ୍କ ଭିଣୋଇ ଘରକୁ ଆସିଥିଲେ। ମଙ୍ଗଳବାର ସକାଳୁ ସେ ଶୌଚ ପାଇଁ ଯାଇ ଆଉ ଫେରି ନ ଥିଲେ। ବୁଧବାର ସକାଳୁ ତାଙ୍କର ମୃତଦେହ ପୋଖରୀରେ ଭାସୁଥିବା ଦେଖିବାକୁ ମିଳିଥିଲା। ପୋଲିସ ପହଞ୍ଚି ମୃତଦେହ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ବ୍ୟବଚ୍ଛେଦ ପାଇଁ ପଠାଇଛି। ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

## ମେଗା ପାଣି ପ୍ରକଳ୍ପକୁ ମିଳିଲା ମଞ୍ଜୁରୀ

ବାଲେଶ୍ୱର ଅଫିସ,୧୨।୮

### ଉପକୃତ ହେବେ ୧୯ ପଞ୍ଚାୟତର ଲୋକ

ବାଲେଶ୍ୱର ଜିଲା ଭୋଗରାଇ ଅଞ୍ଚଳର କୋଷ୍ଟାଲ କେନାଲର ଦକ୍ଷିଣରେ ଥିବା ଗ୍ରାମଗୁଡ଼ିକରେ ଭୂତଳ ଜଳ ଲବଣାକ୍ତ ହୋଇଯାଇଛି। ଏହି ଅଞ୍ଚଳବାସୀ ପିଇବା ପାଣି ପାଇବା ପାଇଁ ଅସୁବିଧାର ସମ୍ମୁଖୀନ ହୋଇଆସୁଛନ୍ତି। ଏଥିପାଇଁ ସୁବର୍ଣ୍ଣରେଖା ନଦୀରୁ ପାଣି ଉତ୍ତୋଳନ ପରେ ତାକୁ ବିଶୋଧନ କରାଯାଇ ପାଇପ୍ ଯୋଗେ ଜଳ ଯୋଗାଣ ପ୍ରକଳ୍ପ ଲାଗି ରାଜ୍ୟସରକାରଙ୍କୁ ପ୍ରେରଣ କରାଯାଇଥିଲା। ଏନେଇ ରାଜ୍ୟସରକାରଙ୍କ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ପ୍ରସ୍ତୁତ ପ୍ରକଳ୍ପକୁ ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ହୋଇଥିବା କ୍ୟାବିନେଟ୍ ବୈଠକରେ ଅନୁମୋଦନ କରାଯାଇଥିବା ଭୋଗରାଇ ବିଧାୟକ ତଥା ଯୋଜନା ବୋର୍ଡ଼ ଅଧ୍ୟକ୍ଷ ଅନନ୍ତ ଦାସ ବୁଧବାର ସନ୍ଧ୍ୟାରେ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

ଭୋଗରାଇ ଅଞ୍ଚଳରେ ଥିବା କୋଷ୍ଟ କେନାଲ ଦକ୍ଷିଣପାର୍ଶ୍ୱରେ ଥିବା ୧୯ଟି ଅନଳିଆ, ବାଜିତପୁର, ସାହାବାଜିପୁର, ବାରବାଟିଆ, ଦେଉଳା, ଜି ତେଘରି, ଗୋପୀନାଥପୁର, ଗୁନେଇବସାଣ, ହୁଗୁଳି, ଜଗନ୍ନାଥପୁର, କେଏନ୍‌ପାଟନା, କାନ୍ଥିଭଉଁରୀ, ମନ୍ଦାରସାହି, ଏନ୍‌ଏମ୍‌ପଡ଼ିଆ, ନିମାତପୁର, ପସାରବିନ୍ଧା, ଶଙ୍ଖାରି, ଶ୍ରଦ୍ଧାପୁର, ଟି ହାଜିରା ପଞ୍ଚାୟତରେ ଥିବା ୧୨୩ଟି ଗ୍ରାମର ୧ଲକ୍ଷ ୨୪ହଜାର ୩୧୨ଜଣ ଲୋକ ଏହି ପ୍ରକଳ୍ପ ଦ୍ୱାରା ଉପକୃତ ହେବେ। ଏହି ପ୍ରକଳ୍ପ ଲାଗି ୧୫୮କୋଟି ଟଙ୍କାର ଅଟ୍ଟକଳ ରଖାଯାଇଛି। ପ୍ରକଳ୍ପ ଅନୁମୋଦନ ପରେ ଟେଣ୍ଡର କାର୍ଯ୍ୟ ମଧ ଶେଷ ହୋଇଛି। ୨ବର୍ଷ ମଧ୍ୟରେ ପ୍ରକଳ୍ପ କାର୍ଯ୍ୟ ଶେଷ ହେବ। ଖବରଦାତା ସମ୍ମିଳନୀରେ ପୂର୍ବତନ ବ୍ରିଟ୍ ଅଧ୍ୟକ୍ଷ ଗୌରୀ ରାଉତ, ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ ନିର୍ବାହୀ ଯନ୍ତ୍ରୀ ସୁରେଶ ରାଉତ, ବିଜେଡି ଏସ୍‌ସି ସେଲ୍ ଜିଲାସଭାପତି ଶତ୍ରୁଘ୍ନ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।

## ଲୋକାୟୁକ୍ତ ନିର୍ଦ୍ଦେଶକ କଲେ ତଦନ୍ତ

କପ୍ତିପଦା,୧୨।୮(ଡ଼ି.ଏନ୍.ଏ.)

### ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଯୋଜନାରେ ଡଗ୍‌ୱେଲ ନିର୍ମାଣରେ ଅନିୟମିତତା

ମୟୂରଭଞ୍ଜ ଜିଲା କପ୍ତିପଦା ବ୍ଲକ୍‌ରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଯୋଜନାରେ ଅନିୟମିତତା ଅଭିଯୋଗର ତଦନ୍ତ ଆରମ୍ଭ ହୋଇଛି। ଲୋକାୟୁକ୍ତଙ୍କ ପକ୍ଷରୁ ତଦନ୍ତକାରୀ ଟିମ୍‌ର ନିର୍ଦ୍ଦେଶକ ତ୍ରିଲୋଚନ ପ୍ରଧାନ ବୁଧବାର ଏହି ବ୍ଲକର ବଡ଼ଖଲାଡ଼ି ପଞ୍ଚାୟତରେ ପହଞ୍ଚି ତଦନ୍ତ କରିଥିଲେ। ସେ ତାଙ୍କ ଟିମ୍ ସହିତ ଉକ୍ତ ପଞ୍ଚାୟତର ରେକର୍ଡ ପତ୍ର ଯାଞ୍ଚ କରିଥିଲେ। ଏହା ବ୍ୟତୀତ କାର୍ଯ୍ୟସ୍ଥଳକୁ ଯାଇ ତଦନ୍ତ ସହିତ ଗ୍ରାମବାସୀଙ୍କ ବୟାନ ସଂଗ୍ରହ କରିଛନ୍ତି। ତଦନ୍ତ ସମୟରେ ବ୍ଲକ୍ ସହକାରୀ ଯନ୍ତ୍ରୀ ସଦାଶିବ ବେହେରା, ଏବିଡିଓ ବିଦ୍ୟା ନାଏକ, ସରପଞ୍ଚ ରାଜଶ୍ରୀ ମାରାଣ୍ଡି, ଯନ୍ତ୍ରୀ ଜିତେନ ସାହୁ, ଏପିଓ ବୀରବଲ ସିଂ, ପିଇଓ ଏବଂ ଜିଆର୍‌ଏସ୍ ପ୍ରମୁଖ ଉପସ୍ଥିତ ଥିଲେ।

ବଡ଼ଖଲାଡି ପଞ୍ଚାୟତରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଯୋଜନାରେ ନିର୍ମିତ ହୋଇଥିବା ଡଗ୍‌ୱେଲ୍‌ରେ ବ୍ୟାପକ ଅନିୟମିତତା ହୋଇଛି ଏବଂ ମୃତ ବ୍ୟକ୍ତିଙ୍କ ନାମରେ କାର୍ଯ୍ୟାଦେଶ, ବିଲ ପୈଠ, ଜଙ୍ଗଲ ଓ ଗୋଚର ଜମିରେ ଡଗ୍‌ୱେଲ ନିର୍ମାଣ ନେଇ ସାମାଜିକ କର୍ମୀ ରାଜକିଶୋର ନାୟକ ୨୦୧୯ ଏପ୍ରିଲ ୮ରେ କପ୍ତିପଦା ବିଡିଓ, ଜିଲାପାଳ ଏବଂ ପି.ଡି ଡିଆର୍‌ଡିଏଙ୍କଠାରେ ଅଭିଯୋଗ କରିଥିଲେ। ସୁଫଳ ନ ମିଳିବାରୁ ୨୦୧୯ ଡିସେମ୍ବର ୪ରେ ଲୋକାୟୁକ୍ତଙ୍କ ଦ୍ୱାରସ୍ଥ ହୋଇଥିଲେ। ଲୋକାୟୁକ୍ତ ଏଲୟାଇ-୬୩୫/୨୦୧୯ରେ ଏକ ମାମଲା ରୁଜୁ କରିଥିଲେ। କପ୍ତିପଦା ବିଡିଓ, ସରପଞ୍ଚ, ପିଇଓ ଏବଂ ଜିଆର୍‌ଏସ୍ ବଡ଼ଖଲାଡ଼ି ପଞ୍ଚାୟତଙ୍କୁ ପକ୍ଷଭୁକ୍ତ କରାଯାଇ ତଦନ୍ତକାରୀ ଟିମ୍‌ର ନିର୍ଦ୍ଦେଶକ ପ୍ରଧାନଙ୍କୁ ତଦନ୍ତ ନିର୍ଦ୍ଦେଶ ଦିଆଯାଇଥିଲା।

ଏ ସମ୍ପର୍କରେ କପ୍ତିପଦା ଏବିଡିଓ ବିଦ୍ୟା ନାଏକ କହିଛନ୍ତି ଲୋକାୟୁକ୍ତ ନିର୍ଦ୍ଦେଶକ ହିତାଧିକାରୀଙ୍କ ପରିବାର ଓ ଏହି ପ୍ରକଳ୍ପରେ କାମ କରୁଥିବା ଶ୍ରମିକଙ୍କ ସହିତ କଥା ହେବା ସହିତ ମଷ୍ଟରରୋଲ, ଶ୍ରମିକଙ୍କ ବ୍ୟାଙ୍କ ଆକାଉଣ୍ଟ ଯାଞ୍ଚ କରିଥିଲେ। ସେହିପରି ସରପଞ୍ଚ ମାରାଣ୍ଡିଙ୍କୁ ପଚାରିବାରୁ ଏଥିରେ କିଛି ଅନିୟମିତତା ହୋଇନାହିଁ, ନିର୍ଦ୍ଦେଶକ ତଦନ୍ତ କରିଛନ୍ତି। ଗୋଚର ଜମିରେ ଖୋଳା ଯାଇଥିବା ଡଗ୍‌ୱେଲଟି ଆମର ନିଜସ୍ୱ ଜମି, ଆର୍‌ଆଇ ରିପୋର୍ଟ ମଧ ଫାଇଲରେ ଅଛି ବୋଲି କହିଥିଲେ।


ଖୋଳା ଯାଇଥିବା ପ୍ରକଳ୍ପ ଗୁଡ଼ିକ ନିକଟରେ ଲୋକାୟୁକ୍ତ ନିର୍ଦ୍ଦେଶକ ତଦନ୍ତ କରୁଛନ୍ତି।

